# ଅବୈଧ ଭାବରେ ଗଠିତ ତଥାକଥିତ ମଧ୍ୟସ୍ଥତା ନ୍ୟାୟାଳୟ ସମ୍ପର୍କିତ ମାମଲା

ଜୁନ୍ 27, 2025

ଆଜି, ସିନ୍ଧୁ ଜଳ ସନ୍ଧି 1960 ଅଧୀନରେ ଗଠିତ ଅବୈଧ ମଧ୍ୟସ୍ଥତା ନ୍ୟାୟାଳୟ, ଏହି ସନ୍ଧିର ପ୍ରକାଶ୍ୟ ଉଲ୍ଲଂଘନ କରି ଭାରତୀୟ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ ଓ କାଶ୍ମୀରର କିଶନଗଙ୍ଗା ଓ ରାତଲେ ଜଳବିଦ୍ୟୁତ ପରିଯୋଜନା ସମ୍ବନ୍ଧରେ ନିଜର କ୍ଷମତା ପ୍ରୟୋଗ କରି ଏକ "ଅନୁପୂରକ ନିଷ୍ପତ୍ତି" ଜାରୀ କରିଛି।

2. ଭାରତ କେବେ ବି ଏହି ତଥାକଥିତ ମଧ୍ୟସ୍ଥତା ନ୍ୟାୟାଳୟର ଅସ୍ତିତ୍ୱକୁ ଆଇନ ଅନୁଯାୟୀ ମାନ୍ୟତା ଦେଇନାହିଁ, ଏବଂ ଭାରତର ଆଭିମୁଖ୍ୟ ସର୍ବଦା ଏହା ରହି ଆସିଛି ଯେ ଏହି ତଥାକଥିତ ମଧ୍ୟସ୍ଥତା ସଂସ୍ଥାର ଗଠନ ହିଁ ସିନ୍ଧୁ ଜଳ ଚୁକ୍ତିର ଏକ ଗମ୍ଭୀର ଉଲ୍ଲଂଘନ ଅଟେ ଏବଂ ଏହାର ପରିଣାମସ୍ୱରୂପ ଏହି ସଂସ୍ଥା ଦ୍ୱାରା କୌଣସି ମଧ୍ୟ କାର୍ଯ୍ୟକଳାପ ଏବଂ ଏହା ଦ୍ୱାରା ନିଆଯାଇଥିବା କୌଣସି ନିଷ୍ପତ୍ତି କିମ୍ବା ନିର୍ଣ୍ଣୟ ଅବୈଧ ଏବଂ ମୂଲ୍ୟହୀନ ଅଟେ।

3. ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ଅନ୍ତର୍ରାଷ୍ଟ୍ରୀୟ ଆଇନ ଅଧୀନରେ ଏକ ସାର୍ବଭୌମ ରାଷ୍ଟ୍ର ଭାବରେ ନିଜ ଅଧିକାରର ଉପଯୋଗ କରି ସିନ୍ଧୁ ଜଳ ସନ୍ଧିକୁ ସେପର୍ଯ୍ୟନ୍ତ ସ୍ଥଗିତ ରଖିଛି ଯେପର୍ଯ୍ୟନ୍ତ ପାକିସ୍ତାନ ବିଶ୍ୱସନୀୟ ଏବଂ ଅପରିବର୍ତ୍ତନୀୟ ଭାବରେ ସୀମାପାର ଆତଙ୍କବାଦ ପାଇଁ ନିଜର ସମର୍ଥନକୁ ତ୍ୟାଗ କରିନାହିଁ। ଏହି ସନ୍ଧି ସ୍ଥଗିତ ଥିବା ପର୍ଯ୍ୟନ୍ତ, ଭାରତ ସନ୍ଧି ଅଧୀନରେ ନିଜର କୌଣସି ଦାୟିତ୍ୱ ପୂରଣ କରିବା ପାଇଁ ବାଧ୍ୟ ନୁହେଁ। କୌଣସି ମଧ୍ୟ ମଧ୍ୟସ୍ଥତା ନ୍ୟାୟାଳୟ, ଏବଂ ଏଭଳି ଅବୈଧ ଭାବରେ ଗଠିତ ମଧ୍ୟସ୍ଥତା ସଂସ୍ଥା ଯାହାର ଆଇନ ଦୃଷ୍ଟିରେ କୌଣସି ଅସ୍ତିତ୍ୱ ନାହିଁ, ଏକ ସାର୍ବଭୌମ ରାଷ୍ଟ୍ର ଭାବରେ ଭାରତର ଅଧିକାର ପ୍ରୟୋଗର ବୈଧତା ଯାଞ୍ଚ କରିବାର ଏଭଳି ସଂସ୍ଥାର କୌଣସି ଅଧିକାର ନାହିଁ।

4. ତେଣୁ, ଭାରତ ଏବେ ଏହି ତଥାକଥିତ ଅନୁପୂରକ ନିଷ୍ପତ୍ତିକୁ ସ୍ପଷ୍ଟ ଭାବରେ ଖାରଜ କରୁଛି କାରଣ ଭାରତର ଏହି ସଂସ୍ଥାର ଅସ୍ତିତ୍ୱ ତଥା ସମସ୍ତ ପୂର୍ବ ଘୋଷଣାକୁ ଖାରଜ କରିଛି।

5. ପାକିସ୍ତାନ ପ୍ରାୟୋଜିତ ଏହି ନାଟକ ହେଉଛି ଆତଙ୍କବାଦର ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ତାହାର ଭୂମିକା ପାଇଁ ଉତ୍ତରଦାୟୀ ହେବାରୁ ରକ୍ଷା ପାଇବା ନିମନ୍ତେ କରାଯାଇଥିବା ଆଉ ଏକ ଅସଫଳ ପ୍ରୟାସ। ପାକିସ୍ତାନ ଦ୍ୱାରା ଏହି ମନଗଢ଼ଣ ମଧ୍ୟସ୍ଥତା ତନ୍ତ୍ରର ସାହାରା ନେବା ହେଉଛି ଅନ୍ତର୍ରାଷ୍ଟ୍ରୀୟ ମଞ୍ଚଗୁଡ଼ିକୁ ଧୋକା ଦେବା ତଥା ହେରାଫେରି କରିବାର ତାହାର ଦଶନ୍ଧିବ୍ୟାପୀ ପୁରାତନ ପ୍ରବୃତ୍ତିର ଅନୁରୂପ।

ନୂଆଦିଲ୍ଲୀ

ଜୁନ୍ 27, 2025